କ୍ୟାଶ୍‌ଲେସ୍ ବୀମାର ପ୍ରଥମ ସୁଫଳ ପାଇଲେ ସାମ୍ବାଦିକ ଅଶୋକ ପଣ୍ଡା

ଭୁବନେଶ୍ୱର : ସାମ୍ବାଦିକମାନଙ୍କ ଲାଗି ରାଜ୍ୟ ସରକାର ଆରମ୍ଭ କରିଥିବା ସ୍ୱାସ୍ଥ୍ୟବୀମା ଯୋଜନାରୁ ପ୍ରଥମ ସୁଫଳ ପାଇଛନ୍ତି ଦୈନିକ ସମୟର ଫଟୋ ସାମ୍ବାଦିକ ଅଶୋକ କୁମାର ପଣ୍ଡା । ଶ୍ରୀ ପଣ୍ଡା ସ୍ୱାସ୍ଥ୍ୟବୀମା କାର୍ଡ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ତାଙ୍କର ଚକ୍ଷୁ ଅସ୍ତ୍ରୋପଚାର କରିଛନ୍ତି ।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜୁନ୍ ପହିଲାରେ ଗଣମାଧ୍ୟମ ପ୍ରତିନିଧିଙ୍କ ସ୍ୱାସ୍ଥ୍ୟବୀମା ଯୋଜନା ଘୋଷଣା କରିବାପରେ ସୂଚନା ଓ ଲୋକସମ୍ପର୍କ ବିଭାଗ ମାଧ୍ୟମରେ ପ୍ରଥମ ପର୍ଯ୍ୟାୟରେ ଏଥିରେ ୩୨୩୩ ଜଣ ସାମିଲ ହୋଇଛନ୍ତି । ଏହି ଯୋଜନାରେ ଗଣମାଧ୍ୟମ ପ୍ରତିନିଧି ଓ ତାଙ୍କ ପରିବାର ପାଇଁ ବାର୍ଷିକ ୨ଲକ୍ଷ ଟଙ୍କାର ବୀମା ରାଶି ରହିଛି । ବୀମାଭୁକ୍ତ ସାମ୍ବାଦିକମାନଙ୍କ ଲାଗି ସ୍ୱତନ୍ତ୍ର ଭାବେ କାର୍ଡ ପ୍ରଦାନ କରାଯାଇଛି । ୨ଲକ୍ଷ ଟଙ୍କାର ଏହି ବୀମାରାଶି ସମ୍ପୂର୍ଣ୍ଣ ରୂପେ କ୍ୟାଶ୍‌ ଲେସ୍ ଅଟେ ।

ବୀମା ଯୋଜନା କାର୍ଯ୍ୟକାରୀ ହେବାପରେ ସାମ୍ବାଦିକ ଶ୍ରୀ ପଣ୍ଡା ରାଜଧାନୀର ଏକ ଘରୋଇ ଡାକ୍ତରଖାନାରେ ତାଙ୍କର ଚକ୍ଷୁ ପରୀକ୍ଷା କରାଇଥିଲେ । ଡାକ୍ତର ତାଙ୍କୁ ଅସ୍ତ୍ରୋପଚାର ପାଇଁ ପରାମର୍ଶ ଦେଇଥିଲେ । ତଦନୁଯାୟୀ ଶ୍ରୀ ପଣ୍ଡା ତାଙ୍କର ବୀମା କାର୍ଡ ବ୍ୟବହାର କରି ଚଳିତ ମାସ ୩ ତାରିଖ ଦିନ ସମ୍ପୂର୍ଣ୍ଣ ମାଗଣାରେ ନିଜ ଚକ୍ଷୁର ଅସ୍ତ୍ରୋପଚାର କରାଇଥିବା ଜଣାଯାଇଛି । ଏଥିପାଇଁ ଅସ୍ତ୍ରୋପଚାର କରିଥିବା ଘରୋଇ ହସ୍ପିଟାଲକୁ ସମ୍ପୃକ୍ତ ବୀମା ସଂସ୍ଥା ଚିକିତ୍ସା ବାବଦରେ ୨୭ହଜାର ଟଙ୍କା ପ୍ରଦାନ କରିଛି । ପ୍ରଥମ ଗଣମାଧ୍ୟମ ବ୍ୟକ୍ତିଭାବେ ବୀମା ସୁବିଧା ପାଇଥିବା ଶ୍ରୀ ପଣ୍ଡା ଏଥିପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଏବଂ ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ପ୍ରତାପ ଜେନାଙ୍କୁ ଧନ୍ୟବାଦ ପ୍ରଦାନ କରିଛନ୍ତି ।

ସରକାରଙ୍କ ଏହି ବୀମାର କ୍ୟାଶ୍‌ଲେସ୍ ବ୍ୟବସ୍ଥାକୁ ନେଇ କେତେକ ଗଣମାଧ୍ୟମ ପ୍ରତିନିଧି ଦ୍ୱନ୍ଦ୍ୱରେ ଥିବାବେଳେ ଶ୍ରୀ ପଣ୍ଡା ସମ୍ପୂର୍ଣ୍ଣ ମାଗଣାରେ ନିଜର ଅସ୍ତ୍ରୋପଚାର କରାଇବାପରେ ଏ ନେଇ ଅନ୍ୟମାନେ ସ୍ପଷ୍ଟ ହୋଇ ଯାଇଛନ୍ତି । ପ୍ରଥମ ପର୍ଯ୍ୟାୟରେ ଏହି ସ୍ୱାସ୍ଥ୍ୟବୀମା ଯୋଜନାରେ ୩୨୩୩ ଜଣ ପରବର୍ତ୍ତୀ ପର୍ଯ୍ୟାୟରେ ଅନ୍ୟ ଗଣମାଧ୍ୟମ ପ୍ରତିନିଧିଙ୍କୁ ସାମିଲ ପାଇଁ ଉଦ୍ୟମ ଚାଲିଛି ।